ହଫିଜ ୱାସି ଅହମ୍ମଦ

ବନାମ

କୁତୁବୁଦ୍ଦିନ ଏବଂ ଅନ୍ୟମାନେ

ସେପ୍ଟେମ୍ବର 24,1996

[କେ. ରାମାସ୍ୱାମୀ, କେ. ଭେଙ୍କଟସ୍ୱାମୀ ଏବଂ
ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]

*ବାସ୍ତୁହରା ସମ୍ପତ୍ତିର ପରିଚାଳନା ଅଧିନିୟମ, 1950:*

*ଧାରା 28 ଏବଂ 46 – ବାସ୍ତୁହରା ସମ୍ପତ୍ତିର ତତ୍ତ୍ୱାବଧାରକଙ୍କ ନିକଟରେ ସମ୍ପତ୍ତିର ନ୍ୟସ୍ତତା – ଅପିଲକାରୀ ଏକ ଉପହାର ଆଧାରରେ ବାସ୍ତୁହରା ସମ୍ପତ୍ତିର ତତ୍ତ୍ୱାବଧାରକଙ୍କ ନିକଟରେ ନ୍ୟସ୍ତ ଜମିର ଏକ ଅଂଶରେ ଏବଂ ଏଥିରେ ଥିବା ନିର୍ମାଣ ଉପରେ ସ୍ୱତନ୍ତ୍ର ଅଧିକାର ଦାବି କରିଛନ୍ତି – ଅପିଲକାରୀଙ୍କ ଦ୍ୱାରା ନିଷେଧାଦେଶ ପାଇଁ ମକଦ୍ଦମା – ବିଚାର କରିଥିବା ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ସମ୍ପତ୍ତି ଅପିଲକାରୀଙ୍କ ସ୍ୱତନ୍ତ୍ର ଦଖଲରେ ଥିଲା କି ନାହିଁ କିମ୍ବା ଏହା ବାସ୍ତୁହରା ସମ୍ପତ୍ତିର ତତ୍ତ୍ୱାବଧାରକଙ୍କ ପାଖରେ ନ୍ୟସ୍ତ ନଥିଲା କି, ଏହି ପ୍ରଶ୍ନକୁ ମକଦ୍ଦମାର ବିଚାରରେ ନ୍ୟାୟ ନିର୍ଣ୍ଣୟ କରିବାକୁ ପଡ଼ିବ – ପୁନରୀକ୍ଷଣ ଆବେଦନରେ ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଏହି ଅଧିନିୟମର ଧାରା 28 ଏବଂ 46ରେ କାର୍ଯ୍ୟକାରିତା ଦ୍ୱାରା ବିବାଦରେ ଥିବା ସମ୍ପତ୍ତି ବାସ୍ତୁହରା ସମ୍ପତ୍ତିର ତତ୍ତ୍ୱାବଧାରକଙ୍କ ପାଖରେ ନ୍ୟସ୍ତ ଥିଲା ଏବଂ ଏହି ମକଦ୍ଦମା ଅନୁରକ୍ଷଣୀୟ ନୁହେଁ – ଦର୍ଶାଯାଇଛି, ବିଚାର କରିଥିବା ନ୍ୟାୟାଳୟ ଏହାର ନିର୍ଦ୍ଦେଶରେ ସଠିକ ଥିଲେ – ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରିଦିଆଯାଇଛି ଏବଂ ବିଚାର କରିଥିବା ନ୍ୟାୟାଳୟଙ୍କ ଆଦେଶ ନିଶ୍ଚିତ କରାଯାଇଛି – ବାଦୀ-ଅପିଲକାରୀଙ୍କ ଦାବି ଅନୁଯାୟୀ ସମ୍ପତ୍ତି କେବଳ ତାଙ୍କର ଅଟେ କି ନାହିଁ, ଏହି ତଥ୍ୟଗତ ପ୍ରଶ୍ନର ନ୍ୟାୟ ନିର୍ଣ୍ଣୟ କରିବା ପରେ ମାମଲାଟି ବିଚାର କରିଥିବା ନ୍ୟାୟାଳୟକୁ ନିଷ୍ପତ୍ତି ପାଇଁ ପୁନଃପ୍ରେରଣ କରାଯାଇଛି ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1007/1980 ।

ସି. ଆର୍.ସଂଖ୍ୟା 300/1974 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ 7.11.74 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ସୟଦ ଅଲି ଅହମ୍ମଦ, ତନୱୀର ଅହମ୍ମଦ ଏବଂ ମୋହନ ପାଣ୍ଡେ ।

ରାଜ୍ୟ ପାଇଁ ଡି. ଗୋବର୍ଦ୍ଧନ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ସି. ଆର୍. ସଂଖ୍ୟା 300/74 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ 7 ନଭେମ୍ବର, 1974 ତାରିଖର ରାୟରୁ ଉତ୍ପନ୍ନ ହୋଇଛି । ଅପିଲକାରୀ ପ୍ଲଟ୍ ସଂଖ୍ୟା 1323ରେ ଥିବା ସମ୍ପତ୍ତିର ଏକ ଅଂଶ ଏବଂ ତା' ଉପରେ ଥିବା ନିର୍ମାଣର ଦଖଲ ଏବଂ ଉପଭୋଗ କରିବାରୁ ଉତ୍ତରଦାତାଙ୍କୁ ବାରଣ କରିବାକୁ ନିଷେଧାଦେଶ ପାଇଁ ମକଦ୍ଦମା ଦାଖଲ କରିଥିଲେ । ଅପିଲକାରୀ ଦାବି କରିଛନ୍ତି ଯେ, ଯଦିଓ ତୌଜି ସଂଖ୍ୟା 3274 ରେ ଖାତା ସଂଖ୍ୟା 246 ସହିତ ଆବଦ୍ଧ ପ୍ଲଟ୍ ସଂଖ୍ୟା 1499 କୁ ଏକ ବାସ୍ତୁହରା ସମ୍ପତ୍ତି ଭାବରେ ଘୋଷଣା କରାଯାଇଥିଲା, ଯେଉଁ ଘର ବିଷୟରେ ଅପିଲକାରୀ ଦାବି କରିଛନ୍ତି ତାହା ପ୍ଲଟ୍ ସଂଖ୍ୟା 1499 ରେ ଖାତା ସଂଖ୍ୟା 263 ର ଏକ ଅଂଶରେ ଅବସ୍ଥିତ ଏବଂ ସେହି ସମାନ ତୌଜି ନମ୍ବର ତାଙ୍କର ଅଟେ । ବିଜ୍ଞ ମୁନସିଫ ଏହି ମତ ପୋଷଣ କରିଥିଲେ ଯେ, ଖାତା ସଂଖ୍ୟା 263 ଥିବା ସମ୍ପତ୍ତି, ଯଦିଓ ସେହି ତୌଜି ସଂଖ୍ୟା 3274 ର ପ୍ଲଟ୍ ସଂଖ୍ୟା 1499 ରେ ଅବସ୍ଥିତ, ତାଙ୍କର ସ୍ୱତନ୍ତ୍ର ସମ୍ପତ୍ତି ଥିଲା କି କିମ୍ବା ବାସ୍ତୁହରା ସମ୍ପତ୍ତିର ତତ୍ତ୍ୱାବଧାରକଙ୍କ ଉପରେ ନ୍ୟସ୍ତ ନଥିଲା କି, ତାହା ଉପରେ ଏହି ମକଦ୍ଦମାର ବିଚାର ସମୟରେ ନ୍ୟାୟ ନିର୍ଣ୍ଣୟ କରିବା ଆବଶ୍ୟକ । ଉତ୍ତରଦାତାଙ୍କ ଦ୍ୱାରା ଉଠାଯାଇଥିବା ଆପତ୍ତି ପ୍ରତ୍ୟାଖ୍ୟାନ କରାଯାଇଥିଲା । ପୁନରୀକ୍ଷଣରେ, ଉଚ୍ଚ ନ୍ୟାୟାଳୟ ମତ ଦେଇଛନ୍ତି ଯେ, ବାସ୍ତୁହରା ସମ୍ପତ୍ତିର ପରିଚାଳନା ଅଧିନିୟମ, 1950 ର ଧାରା 28 ଏବଂ 46 ର କାର୍ଯ୍ୟକାରିତା ଦ୍ୱାରା, ଜମି ଏବଂ କୋଠା ବାସ୍ତୁହରା ସମ୍ପତ୍ତିର ତତ୍ତ୍ୱାବଧାରକଙ୍କ ଉପରେ ନ୍ୟସ୍ତ ହୋଇଛି ଏବଂ ତେଣୁ, ମକଦ୍ଦମା ଅନୁରକ୍ଷଣୀୟ ଯୋଗ୍ୟ ନୁହେଁ । ଅନୁମତି ମଞ୍ଜୁର ପୂର୍ବରୁ ଯେତେବେଳେ ଏହି ମାମଲା ଏହି ନ୍ୟାୟାଳୟଙ୍କ ସମ୍ମୁଖକୁ ଆସିଥିଲା, ସେତେବେଳେ ଅଧିବକ୍ତାଙ୍କୁ ଶୁଣାଯାଇଥିଲା ଏବଂ ଏହା କୁହାଯାଇଥିଲା ଯେ, ପ୍ଲଟ୍ ସଂଖ୍ୟା 1499 ରେ ଥିବା ଘର କିମ୍ବା ନିର୍ମାଣ କେବଳ ଏକ ଅଂଶ ଥିଲା ଏବଂ ଏହିପରି କୌଣସି ଦାବି ନଥିଲା ଯେ, ଏହା ପ୍ଲଟ୍ ସଂଖ୍ୟା 1323 ର ଅଂଶ କିମ୍ବା ଏଥିରେ ଥିବା କୌଣସି ନିର୍ମାଣ ସମ୍ବନ୍ଧରେ ବାସ୍ତୁହରା ସମ୍ପତ୍ତି ଥିଲା । ତେଣୁ, ଏହି ନ୍ୟାୟାଳୟ ପ୍ଲଟ୍ ସଂଖ୍ୟା 1499 ସମ୍ବନ୍ଧରେ ବେଦଖଲ ପ୍ରଶ୍ନ ସମ୍ପୃକ୍ତରେ ଅନୁମତି ମଞ୍ଜୁର କରିଥିଲେ ।

ବିବାଦରେ ଥିବା ସମ୍ପତ୍ତି ସମ୍ବନ୍ଧରେ ଅପିଲକାରୀ  ସ୍ୱତନ୍ତ୍ର ମାଲିକାନା ଦାବି କରିଥିବା ତଥ୍ୟକୁ ଦୃଷ୍ଟିରେ ରଖି, ନ୍ୟାୟାଳୟ ଏହି ପ୍ରଶ୍ନ ଉପରେ ଧ୍ୟାନ ଦେବା ଆବଶ୍ୟକ ଯେ, ଏହା ସେହି ଜମିର ଅଂଶ କି ନୁହେଁ ଯାହା ବାସ୍ତୁହରା ସମ୍ପତ୍ତି ଭାବରେ ଘୋଷିତ ହୋଇଥିଲା ଏବଂ ବାସ୍ତୁହରା ସମ୍ପତ୍ତିର ତତ୍ତ୍ୱାବଧାରକଙ୍କ ଅଧୀନରେ ରହିଥିଲା କିମ୍ବା ଏହା ଅପିଲକାରୀଙ୍କୁ ଦିଆଯାଇଥିବା କଥିତ ଉପହାର ଆଧାରରେ ଅପିଲକାରୀଙ୍କ ସ୍ୱତନ୍ତ୍ର ସମ୍ପତ୍ତି କି ନୁହେଁ । ଜମି ବାସ୍ତୁହରା ସମ୍ପତ୍ତିର ତତ୍ତ୍ୱାବଧାରକଙ୍କ ଅଧୀନରେ ଅଛି କି ନାହିଁ ତାହା ବିଚାର କରିବା ପୂର୍ବରୁ ମକଦ୍ଦମାର ବିଚାରରେ ଏହା ଏକ ତଥ୍ୟଗତ ପ୍ରଶ୍ନ ଯାହାର ନ୍ୟାୟ ନିର୍ଣ୍ଣୟ କରିବାକୁ ପଡ଼ିବ । ଯଦି ବିଜ୍ଞ ଜିଲ୍ଲା ମୁନସିଫ୍ ଜାଣିବାକୁ ପାଆନ୍ତି ଯେ, ମକଦ୍ଦମା ସମ୍ପତ୍ତି ହେଉଛି ବାସ୍ତୁହରା ସମ୍ପତ୍ତି, ତେବେ ଏହା ଆବଶ୍ୟକ

ଭାବରେ ବାସ୍ତୁହରା ସମ୍ପତ୍ତିର ତତ୍ତ୍ୱାବଧାରକଙ୍କ ଉପରେ ନ୍ୟସ୍ତ ଏବଂ ଏହିପରି ଦେୱାନୀ ମକଦ୍ଦମା ଅନୁରକ୍ଷଣୀୟ ନୁହେଁ । ଅନ୍ୟ ପକ୍ଷରେ, ଯଦି ଏହା ବାସ୍ତୁହରା ସମ୍ପତ୍ତିର ଅଂଶ ନୁହେଁ ବୋଲି ଜଣାପଡ଼େ, ତେବେ ଆବଶ୍ୟକ ଭାବରେ ଦାବି କରାଯାଇଥିବା  ନିଷେଧାଦେଶ ମଞ୍ଜୁର କରାଯିବ କି ନାହିଁ  ତାହା ବିଚାର କରିବାକୁ ପଡ଼ିବ । ବିଚାର ସମୟରେ ସମସ୍ତ ତଥ୍ୟର ଅନୁସନ୍ଧାନ କରାଯିବା ଆବଶ୍ୟକ ।

ଆମେ ଭାବୁଛୁ ଯେ, ବିଚାର କରିଥିବା ନ୍ୟାୟାଳୟ ତାଙ୍କ ନିର୍ଦ୍ଦେଶରେ ସଠିକ ଥିଲେ । ତଦନୁସାରେ ଅପିଲକୁ ମଞ୍ଜୁର ଦିଆଗଲା । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରାଯାଇଛି ଏବଂ ବିଚାର କରିଥିବା ନ୍ୟାୟାଳୟଙ୍କ ଆଦେଶକୁ ନିଶ୍ଚିତ କରାଯାଇଛି । ଏହା ସ୍ପଷ୍ଟ କରାଯାଇଛି ଯେ, ଆମେ ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରିନାହୁଁ । ପ୍ରସଙ୍ଗଟି ବ୍ୟାପକ ଅଟେ । ଏହି ମାମଲା ବିଚାର କରିଥିବା ନ୍ୟାୟାଳୟକୁ ପୁନଃପ୍ରେରଣ କରାଯାଇଛି । ଯେହେତୁ ଏହି ମକଦ୍ଦମା ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ବିଚାରାଧୀନ ରହିଛି, ଏହି ଆଦେଶ ପ୍ରାପ୍ତିର ତାରିଖ ଠାରୁ ଛଅ ମାସର ଅବଧି ମଧ୍ୟରେ ମକଦ୍ଦମାର ପରିସମାପ୍ତି କରିବାକୁ ବିଚାର କରିଥିବା ନ୍ୟାୟାଳୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲକୁ ମଞ୍ଜୁର ଦିଆଯାଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ  । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ  ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା

ଶିବାନୀ ଦାଶ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ